# Akashvani, Sambalpur

## SAMBALPURI NEWS BULLETIN

### 13 December 2025 – 6.47- 6.52 am.

*********************************************

ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନା ଅଧୀନ୍‌ଥି ଓଡ଼ିଶାର୍ ୫୯ ଟା ଷ୍ଟେସନ୍‌ର ପୁନଃବିକାଶ୍ କାମ୍ କରାଯାଉଥିବାର୍ କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ରାଜ୍ୟସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ କହିଛନ୍, ସାରା ଦେଶେ ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନାଥି ୧୩ ଶହ ୩୭ ଟା ରେଲ୍‌ଷ୍ଟେସନ୍‌ର ପୁନଃବିକାଶ୍ କରାଯାଉଛେ । ଇଥି ଓଡ଼ିଶାର୍ ଝାର୍‌ସୁଗୁଡ଼ା ଜଙ୍କ୍‌ସନ୍, ସମ୍ବଲ୍‌ପୁର୍, ଅନୁଗୁଲ୍, ଭୁବ୍‌ନେଶ୍ୱର୍ ଆଉ ପୁରୀ ସହେତେ ୫୯ ଟା ଷ୍ଟେସନ୍ ରହିଛେ । ଏବ୍‌ତକ୍ ରାଜ୍ୟର୍ ୫ ଟା ଷ୍ଟେସନ୍‌ର ଉନ୍ନତିକରଣ୍ କାମ୍ ଶେଷ୍ ହେଇଛେ ବଲି ମନ୍ତ୍ରୀ କହିଛନ୍ । ସେନ୍ତା ୨୦୦୯ ନୁ ୨୦୧୪ ଭିତ୍‌ରେ ଓଡ଼ିଶାକେ ମାତରକ ୮ ଶହ ୩୮ କୋଟି ଟଙ୍କାର୍ ରେଲ୍‌ବଜେଟ୍ ମିଲିଥିବାର୍ ବେଲେ ୨୦୨୫-୨୬ ଆର୍ଥିକ୍ ବଛରେ ଇଟା ୧୩ ଗୁନ୍ ବଢ଼ାଯାଇକରି ୧୦ ହଜାର୍ ୫ ଶହ ୯୯ କୋଟି ଟଙ୍କାର୍ ରେଲ୍‌ବଜେଟ୍ ଦିଆଯାଇଛେ ବଲି ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ । ଇତାର୍‌ସହେତେ

ରାଏଜେ ରେଲ୍‌ଲାଇନ୍‌ର ଉନ୍ନତିକରଣ୍ ବାବ୍‌ଦେ ମନ୍ତ୍ରୀ ସୂଚ୍‌ନା ଦେଇକରି କହିଛନ୍, ଖୋର୍ଦ୍ଧା- ବଲାଙ୍ଗିର୍ ରେଲ୍‌ଲାଇନ୍‌ର ମୋଟ୍ ଦୂରତା ୩ ଶହ ୧ କିଲୋମିଟର୍ ହେଇଥିବାର୍ ବେଲେ ୨୦୨୫ ନଭେମ୍ବର୍ ମାସ୍‌ତକ୍ ଇ ରେଲ୍‌ଲାଇନ୍‌ଥି ୨ ଶହ ୨୬ କିଲୋମିଟର୍ ଟ୍ରେନ୍ ଚଲାଚଲ୍ ମୁଲ୍ ହେଇଛେ ।

କୋଣାର୍କ- ଇକୋ ରିଟ୍ରିଟ୍ I&PR

ଆଏବା ଦିନ୍‌ମାନ୍‌କେ ରାଜ୍ୟର୍ ଭିନ୍ ଭିନ୍ ପର୍ଯ୍ୟଟନ୍ ଇଲାକାମାନ୍‌କେ ହେଉଥିବା ଇକୋ ରିଟ୍ରିଟ୍ ନ ରାଜ୍ୟ ସର୍‌କାର୍‌ଙ୍କର୍ କେବିନେଟ୍ ବୈଠକ୍ ଆଉ ମନ୍ତ୍ରୀମଣ୍ଡଲ୍ ବୈଠକ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପୁରୀ କୋଣାର୍କ ମାରାଇନ୍ ଡ୍ରାଇଭ୍ ନ ରାମଚଣ୍ଡି ମୁହାଣ ପାଖେ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ହେଇଥିବା ୭ ନମ୍ବର୍ ଇକୋ ରିଟ୍ରିଟ୍‌କେ ଗଲାକାଏଲ୍ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ପର୍ଯ୍ୟଟନ୍ ଲାଗି ରାଜ୍ୟ ସର୍‌କାର୍ ଯେତେ ପ୍ରକାରର୍ ପଦକ୍ଷେପ୍ ନଉଛନ୍ ସେଥିର୍‌ଭିତ୍‌ରୁ ଇକୋ ରିଟ୍ରିଟ୍ ସବୁନୁ ବେଶୀ ଆକର୍ଷଣୀୟ ହେଇଛେ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍, ୨୦୩୬ ତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ଆଉ ୨୦୪୭ ତକ୍ ବିକଶିତ୍ ଭାରତ୍ ନିର୍ମାଣ୍‌ଥି ଗୁଟେ ଅଗ୍ରଣୀ ଭୂମିକା ନେବାର୍ ଲାଗି ଓଡ଼ିଶା ଯାତ୍ରା ମୁଲ୍ କରିଛେ । ଏସିଆର୍ ଶ୍ରେଷ୍ଠ ୫ ଟା

ଇକୋ ଟୁରିଜିମ୍ ହବ୍ ଭିତ୍‌ରେ ଜାଗା ପାଏବାର୍‌ଟା ସର୍‌କାର୍‌ଙ୍କର୍ ଲକ୍ଷ୍ୟ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଜ୍ୟ ଗୃହ ନିର୍ମାଣ- ସମୀକ୍ଷା I&PR

ରାଜ୍ୟ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଖର୍ଚ୍ଚା ଆର୍ ବଜେଟ୍ ଉପ୍‌ରେ ଗୁଟେ ସମୀକ୍ଷା ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ନ ହେଇଯାଇଛେ । ବୈଠକ୍‌ଥି ବିଭାଗୀୟ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ବିଭାଗ୍ ନ ଚାଲିଥିବା ଭିନ୍ ଭିନ୍ ପ୍ରକଳ୍ପ ଆଉ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଆର୍ଥିକ୍ ବେଭାର୍‌ର ଅଗ୍ରଗତିର୍ ମନ୍ତ୍ରୀ ସମୀକ୍ଷା କରିଛନ୍ । ଠିକ୍ ସମିଆ ଭିତ୍‌ରେ ଦିଆଯାଇଥିବା ବଜେଟ୍‌କେ ପୁରା ଉପଯୋଗ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ମନ୍ତ୍ରୀ ଶ୍ରୀ ମହାପାତ୍ର ନିର୍ଦ୍ଦେଶ୍ ଦେଇଛନ୍ ।

କପା- ଏମ୍‌ଏସ୍‌ପି ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ବଛ୍‌ରେ ସର୍ବନିମ୍ନ ସହାୟକ ମୂଲ୍ୟ-ଏମ୍‌ଏସ୍‌ପି ଥି କପା ବିକ୍‌ବାର୍ ଲାଗି ଭାରତୀୟ କପା ନିଗମ୍ ଲିମିଟେଡ୍ ତର୍‌ଫୁ ପରିଚାଳିତ୍ ହେଉଥିବା କପାସ୍ କିଷାନ୍ ମୋବାଇଲ୍ ଆପ୍‌ଥି ଚାଷୀମାନ୍‌କର୍ ସ୍ୱ-ପଞ୍ଜିକରଣ୍

ବାଧ୍ୟତାମୂଳକ୍ କରାଯାଇଛେ । ପଞ୍ଜିକରଣ୍‌ର ଶେଷ୍ ତାରିଖ୍ ଆଏବା ୩୧ ତାରିଖ୍ ରଖାଯାଇଛେ ବଲି ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଅଏତ୍‌କା ସୂଚ୍‌ନା ପାଏବାର୍ ଲାଗି ଚାଷୀମାନେ ନିଜର ଇଲାକାର୍ ଭାରତୀୟ କପା ନିଗମ୍‌ର ଅଧିକାରୀ, ନିୟନ୍ତ୍ରିତ ବଜାର୍ କମିଟି, ଗ୍ରାମ୍ୟ କୃଷି କର୍ମଚାରୀ, ବ୍ଲକ୍ ଆଉ ଜିଲ୍ଲା କୃଷି ଅଧିକାରୀମାନ୍‌କର୍ ସାଙ୍ଗେ ଯୋଗ୍‌ଯୋଗ୍ କରିପାର୍‌ବେ ।

ସିଜିଏଲ୍ ନିଯୁକ୍ତି            ଆର୍‌ଏନ୍‌ୟୁ/ ସମ୍ବଲପୁର

ସମୂହ ସ୍ନାତକ ସ୍ତରୀୟ ପରୀକ୍ଷା ସିଜିଏଲ୍ ନିଯୁକ୍ତି ଲାଗି ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ୍- ଓ.ଏସ୍.ଏସ୍.ସି. ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇଥି ମୋଟ୍ ୧୫ ଶହ ୭୬ ଟା ପଦ୍‌ବୀ ଲାଗି ନିଯୁକ୍ତି ଦିଆଯିବା । ବିଜ୍ଞପ୍ତି ଅନ୍‌ସାରେ ଗ୍ରୁପ୍-ବି ଆଉ ଗ୍ରୁପ୍ -ସି ପଦ୍‌ବୀଥି ନିଯୁକ୍ତି ଦିଆଯିବା । ଆଏବା ୧୯ ତାରିଖ୍‌ନୁ ଜାନୁଆରୀ ୧୮ ତାରିଖ୍‌ତକ୍ ଓଏସ୍‌ଏସ୍‌ସି ୱେବ୍‌ସାଇଟ୍ ଜରିଏ ଇଥିର୍‌ଲାଗି ପଞ୍ଜିକରଣ୍ କରାଯାଇପାର୍‌ବା ।

ଛତିଶା ନିଯୋଗ୍ ବୈଠକ       ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା ପହିଲି ଭୋଗ ନୀତି ନିର୍ଘଂଟକେ ଛତିଶା ନିଯୋଗ୍ ବୈଠକ୍‌ଥି ଅନୁମୋଦନ୍ କରାଯାଇଛେ । ବୈଠକ୍‌ନୁ ମିଳିଥିବା ସୂଚ୍‌ନା ଅନ୍‌ସାରେ ୧୬ ତାରିଖ୍‌ନୁ ଜାନୁଆରୀ ୧୩ ତାରିଖ୍‌ତକ୍ ଶ୍ରୀମନ୍ଦିର୍ ନ ସ୍ୱତନ୍ତ୍ର ପହିଲି ଭୋଗ ନୀତି କରାଯିବା । ସଖାଲର୍ ସାଢ଼େ ୫ ନୁ ୬ ବଜେତକ୍ ଇ ନୀତି ହେବା । ଇଥିର୍‌ଲାଗି ରାତିର୍ ୨ ବଜେ ଦୁଆରଫିଠା ନୀତି କରାଯାଇକରି ରାତିର୍ ୧୧ ବଜେ ପହୁଡ଼୍ କରାଯିବା । ସେନ୍ତା ବୈଠକ୍‌ଥି ଦିବ୍ୟାଙ୍ଗ ମାନ୍‌କର୍ ଦର୍ଶନ୍, ଗୁଣ୍ଡିଚା ମନ୍ଦିର୍ ଖୁଲ୍‌ବାର୍ ଆର୍ ରତ୍ନଭଣ୍ଡାର୍‌ର ଗନ୍‌ତିମନ୍‌ତି ନେଇକରି ଭିଲ୍ ଆଲୋଚନା ହେଇଛେ ।

ଭୋଟର୍ ସାକ୍ଷରତା ଅଭିଯାନ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ମହାବିଦ୍ୟାଳୟ ଠାନେ ଗଲାକାଏଲ୍ ଭୋଟର୍ ସାକ୍ଷରତା ଅଭିଯାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମହାବିଦ୍ୟାଳୟର୍ ୧୮ ବଛର୍ ପୁରା ହେଇଥିବା ଛାତ୍ରଛାତ୍ରୀମାନ୍‌କୁ ନିଜର୍ ନିଜର୍ ଭୋଟ୍ ଗ୍ରହଣ୍ କେନ୍ଦ୍ର ନ ଭୋଟର୍ ତାଲିକାଥି ଅନ୍ତର୍ଭୁକ୍ତ କର୍‌ବାର୍ ଲାଗି ତାଲିମ୍ ଦିଆଯିବାର୍ ସହେତେ ସଚେତନ୍ କରାଯାଇଥିଲା ।

ଓଡ଼ିଶା ମାଷ୍ଟର୍ସ I&PR

କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ଅନ୍ତର୍ଜାତୀୟ ବେଡ଼ମିଂଟନ୍ ପ୍ରତିଯୋଗିତା- ଓଡ଼ିଶା ମାଷ୍ଟର୍ସ-୨୦୨୫ର କ୍ୱାଟର୍ ଫାଇନାଲ୍ ରାଉଣ୍ଡ୍‌ର ଭିନ୍ ଭିନ୍ ବିଭାଗ୍‌ଥି ୨୦ ଟା ମେଚ୍ ଗଲାକାଏଲ୍ ହେଇଯାଇଛେ । ବିଶ୍ୱ ବେଡ଼ମିଂଟନ୍ ମହାସଂଘ, ଭାରତୀୟ ବେଡ଼ମିଂଟନ୍ ସଂଘ, ରାଜ୍ୟ ସର୍‌କାର୍‌ଙ୍କର୍ କ୍ରୀଡ଼ା ଆଉ ଯୁବ ସେବା ବିଭାଗ, ରାଜ୍ୟ ବେଡ଼ମିଂଟନ୍ ସଂଘର୍ ମିଲିତ୍ ସହଯୋଗ୍‌ଥି ଚାଲିଥିବା ଇ ଅନ୍ତର୍ଜାତୀୟ ପ୍ରତିଯୋଗିତାର୍ ସେମି ଫାଇନାଲ୍‌ର ସବୁ ମେଚ୍ ଆଏଜ୍ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଥଣ୍ଡା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଝାର୍‌ସୁଗୁଡ଼ା, କଲାହାଣ୍ଡି ଆର୍ ଅନୁଗୁଲ୍ ନ ଜବର୍ ଥଣ୍ଡା ହେବା । ସେନ୍ତା ସୁନ୍ଦର୍‌ଗଡ଼୍, କଲାହାଣ୍ଡି ଆର୍ କନ୍ଧମାଲ୍ ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।